## ସଂକ୍ଷେପରେ

### ଚୋରି ବାଇକ୍ ଉଦ୍ଧାର, ୨ ଗିରଫ



**ଢେଙ୍କାନାଳ ଅଫିସ/ ସାତମାଇଲ(ଡି.ଏନ୍.ଏ.), ୧୪।୭:** ଢେଙ୍କାନାଳ ଜିଲା ବାଲିମୀ ଥାନା ଅଞ୍ଚଳରୁ ଗତ ବୁଧବାର ରାତିରେ ଚୋରି ହୋଇଥିବା ବାଇକ୍ (ନଂ. ଓଡ଼ି ୧୯ ଏଫ୍ ୪୯୭୫)କୁ ଗୁରୁବାର ପୋଲିସ ଉଦ୍ଧାର କରିଛି। ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ୨ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ତିଗିରିଆ ଥାନା ପାଞ୍ଚଗାଁର ପିଙ୍କୁ ସାହୁ ଏବଂ ବାଲିମୀ ଥାନା କୁମୁରିସିଂହା ଗ୍ରାମର ପଞ୍ଚାନନ ନାଏକ। ପୋଲିସ ସୂଚନା ଅନୁଯାୟୀ, ରାସୋଳ ଥାନା ନୂଆବଗ ଗ୍ରାମର ସରୋଜ କୁମାର ନାୟକ ନାମକ ଜଣେ ବ୍ୟକ୍ତି ବୁଧବାର ରାତିରେ ଉକ୍ତ ବାଇକ୍‌ରେ ଘରକୁ ଫେରୁଥିଲେ। କୁମୁରସିଙ୍ଗା-ଶିଶୁଗଡ଼ା ରାସ୍ତାରେ ୩ଜଣ ଅଭିଯୁକ୍ତ ଏକ କଳାରଙ୍ଗର ବାଇକ୍‌ରେ ଆସି ତାଙ୍କୁ ଅଟକାଇଥିଲେ। ଗାଳିଗୁଲଜ କରିବା ସହ ଭୟଭୀତ କରାଇ ବାଇକ୍ ଛଡ଼ାଇ ନେଇ ଚମ୍ପଟ ମାରିଥିଲେ। ଏ ସଂକ୍ରାନ୍ତରେ ସେ ବାଲିମୀ ଥାନାରେ ଅଭିଯୋଗ କରିବା ପରେ ନଂ. ୧୧୭/୨୨, ଦଫା ୩୯୪ରେ ମାମଲା ରୁଜୁ ହୋଇଥିଲା। ଏସ୍‌ଡିପିଓ ଅଞ୍ଜନା ଟୁଡୁଙ୍କ ନିର୍ଦ୍ଦେଶରେ ଥାନାଧିକାରୀ ବ୍ରହ୍ମାନନ୍ଦ ପାତ୍ର ଏହାର ତଦନ୍ତ ଆରମ୍ଭ କରିଥିଲେ। ଏଥିରେ ସମ୍ପୃକ୍ତ ଥିବା ସନ୍ଦେହରେ ପଞ୍ଚାନନଙ୍କୁ ପୋଲିସ ଗିରଫ କରିଥିଲା। ପଞ୍ଚାନନ ବାଇକ୍‌କୁ ଚୋରି କରି ପିଙ୍କୁଙ୍କୁ ବିକ୍ରି କରିଥିବା ଜେରା ବେଳେ ମାନିଯାଇଥିଲେ।

### ଭରତ କୁସୁମଯୋଡ଼ି ସୋସାଇଟି ସଭାପତି

**କାମାକ୍ଷାନଗର, ୧୪।୭(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ କୁସୁମଯୋଡ଼ି ସେବା ସମବାୟ ସମିତିର ସଭାପତି ଭାବେ ବୁଧବାର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି ଭରତ ଚନ୍ଦ୍ର ବିଶ୍ୱାଳ। ସଭାପତି ପଦବୀରେ ଏକମାତ୍ର ପ୍ରାର୍ଥୀ ଭାବେ ସେ ନାମାଙ୍କନ ଦାଖଲ କରିଥିଲେ। ସୋସାଇଟିର ୧୫ ନିର୍ଦ୍ଦେଶକଙ୍କ ସମର୍ଥନରେ ସେ ନିର୍ବାଚିତ ହୋଇଛନ୍ତି। ଗୋବର୍ଦ୍ଧନ ସାହୁ ନିର୍ବାଚନ ଅଧିକାରୀ ଦାୟିତ୍ୱ ତୁଲାଇଥିଲେ। ଆସନ୍ତା ୫ବର୍ଷ ମଧ୍ୟରେ ଚାଷୀ ଯେପରି ସରକାରୀ ଯୋଜନାର ଲାଭ ଉଠାଇପାରିବେ, ସେ ଦିଗରେ ଗୁରୁତ୍ୱ ଦେବେ ବୋଲି ନବ ନିର୍ବାଚିତ ସଭାପତି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏଥିସହ ମଣ୍ଡିରେ ଧାନବିକ୍ରିରେ ସ୍ୱଚ୍ଛତା ରକ୍ଷା, ବିହନ ଓ ସାର ସୁଷମ ବଣ୍ଟନକୁ ଅଗ୍ରାଧିକାର ଦିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।



# ଅଭିଯୋଗକାରୀଙ୍କୁ ତଣ୍ଟିଆ

**କାମାକ୍ଷାନଗର, ୧୪।୭(ଡି.ଏନ୍.ଏ.)**



**ଜନଶୁଣାଣି ଶିବିରକୁ ଆସିଥିଲେ**

■ଭିଡିଓ ଭାଇରାଲ୍ ପରେ ବିବାଦରେ କଙ୍କଡ଼ାହାଡ଼ ପୋଲିସ

ଜିଲାପାଳଙ୍କୁ କହିବେ ଗାଁର ସମସ୍ୟା। ଏଭଳି ଆଶା ନେଇ ଆସିଥିଲେ ମିଳିତ ଜନଅଭିଯୋଗ ଶୁଣାଣି ଶିବିରକୁ। ହେଲେ ସେଠାରେ ଉପସ୍ଥିତ ଥିବା ପୋଲିସ ଅଭିଯୋଗକାରୀଙ୍କୁ ଅପରାଧୀ ଭଳି ବ୍ୟବହାର କଲା। ତଣ୍ଟିଆ ମାରି ଥାନାକୁ ଜୋରଜବରଦସ୍ତ ଉଠାଇନେଲା। ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ରେ ଗତ ୧୧ ତାରିଖରେ ଘଟିଛି ଏଭଳି ଏକ ସ୍ପର୍ଶକାତର ଘଟଣା। ପୋଲିସର ଏଭଳି ସମ୍ବେଦନହୀନ କାର୍ଯ୍ୟକଳାପର ଭିଡିଓ ଏବେ ସୋସିଆଲ ମିଡିଆରେ ଘୂରିବୁଲୁଛି, ଯାହାକୁ ନେଇ ହରଡ଼ଘଣାରେ ପଡ଼ିଛି କଙ୍କଡ଼ାହାଡ଼ ଥାନା ପୋଲିସ।

ଅଭିଯୋଗ ଅନୁଯାୟୀ, କଙ୍କଡ଼ାହାଡ଼ ବ୍ଲକ କାର୍ଯ୍ୟାଳୟରେ ଗତ ୧୧ ତାରିଖରେ ଥିଲା ଜିଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର। ଜିଲାପାଳ ସରୋଜ କୁମାର ସେଠୀ, ଏସ୍‌ପି ଲୋଗାନୟାଗୀ ଦିବ୍ୟା ଭି., ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସାଫଲ୍ୟ ମଣ୍ଡିତ ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାଶ, କାମାକ୍ଷାନଗର ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ, ବିଡିଓ ବୁଲ୍‌ବୁଲ୍ ବେହେରା, ତହସିଲଦାର ରମେଶ ଚନ୍ଦ୍ର ଜେନାଙ୍କ ସମେତ ବହୁ ନିର୍ବାଚିତ ଜନପ୍ରତିନିଧି ଉପସ୍ଥିତ ଥିଲେ। ବାଟଗାଁ ପଞ୍ଚାୟତ ଗୋଡ଼ିସାହିର ଯୁବକ ବିପିନ ପରିଡ଼ା ଗ୍ରାମର ଶୋଚନୀୟ ହୋଇପଡ଼ିଥିବା ରାସ୍ତା ସମସ୍ୟା ସମ୍ପର୍କରେ ଅଭିଯୋଗ ନେଇ ଆସିଥିଲେ। ପ୍ରଶାସନର ଅବହେଳା ଯୋଗୁ ଗ୍ରାମବାସୀ ନାହିଁ ନ ଥିବା ସମସ୍ୟା ଭୋଗୁଥିବାରୁ ଯୁବକ ଜଣକ ପାଟିତୁଣ୍ଡ କରିବା ସହ ବଡ଼ପାଟିରେ ଅଭିଯୋଗ ଜଣାଇଥିଲେ। ତେବେ ସେଠାରେ ଉପସ୍ଥିତ ପୋଲିସ ଅଧିକାରୀମାନେ ତାଙ୍କୁ ଶିବିର ନିକଟରୁ ଟାଣି ଆଣିବା ସହ ତଣ୍ଟିଆ, ଧକ୍କା ମାରି ପୋଲିସ ଭ୍ୟାନରେ ବସାଇ ଥାନାକୁ ନେଇଯାଇଥିଲେ। ଘଟଣାସ୍ଥଳରେ ଉପସ୍ଥିତ କେହି ଜଣେ ଏହାର ଦୃଶ୍ୟ ମୋବାଇଲ କ୍ୟାମେରାରେ କଏଦ୍ କରି ନେଇଥିଲେ। ଏହି ଭିଡିଓ ଭାଇରାଲ୍ ହୋଇଯାଇଛି। ପୋଲିସ ଅଧିକାରୀମାନେ କିପରି ଜଣେ ଯୁବକଙ୍କୁ ଅମାନବୀୟ ବ୍ୟବହାର କରୁଛନ୍ତି, ତାହା ଉକ୍ତ ଭିଡିଓରୁ ସ୍ପଷ୍ଟ ଜଣାପଡୁଛି। ଏହାକୁ ନେଇ ବାଟଗାଁ ପଞ୍ଚାୟତବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏସ୍‌ପି ଏଥିରେ ହସ୍ତକ୍ଷେପ କରି ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି।

ସ୍ୱଚ୍ଛତା ରକ୍ଷା ଲାଗି ରାଜ୍ୟ ସରକାର ପୋଲିସ ବିଭାଗକୁ '୫-ଟି' ଅଧୀନକୁ ଆଣିଛନ୍ତି। ପୋଲିସ-ଜନତା ସୁସମ୍ପର୍କ ସ୍ଥାପନ ଲାଗି ଅଗ୍ରାଧିକାର ଦିଆଯାଇ 'ଆମ ପୋଲିସ' ବ୍ୟବସ୍ଥା ପ୍ରଚଳନ କରାଯାଇଛି। ଥାନାକୁ ଆସୁଥିବା ଅଭିଯୋଗକାରୀଙ୍କ କଥା ଧୈର୍ଯ୍ୟର ସହ ଶୁଣିବାକୁ ପରାମର୍ଶ ଦିଆଯାଉଛି। ଏପରି କି ସେମାନଙ୍କୁ ଉତ୍ତମ ଆତିଥ୍ୟ ପ୍ରଦାନ କରିବାକୁ କୁହାଯାଉଛି। ଏସବୁ ସତ୍ତ୍ୱେ ଅଭିଯୋଗକାରୀଙ୍କ ପ୍ରତି କଙ୍କଡ଼ାହାଡ଼ ଥାନା ପୋଲିସର ଅମାନବୀୟ ବ୍ୟବହାରକୁ ନେଇ ଏବେ ଆଲୋଡ଼ନ ସୃଷ୍ଟି ହୋଇଛି। ଆଦିବାସୀ ବହୁଳ କଙ୍କଡ଼ାହାଡ଼ ବ୍ଲକର ବିକାଶ ଲାଗି ଜିଲା ପ୍ରଶାସନ ପ୍ରାଥମିକତା ଦେଉଥିବା କହୁଥିବାବେଳେ ସମସ୍ୟା ଜଣାଇବାକୁ ଆସି ଜଣେ ଯୁବକ ପୋଲିସ ତଣ୍ଟିଆ ଖାଇବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି।

ଏ ସମ୍ପର୍କରେ କାମାକ୍ଷାନଗର ଏସ୍‌ଡିପିଓ ରଞ୍ଜନ କୁମାର ଦେଓ କୁହନ୍ତି, ଅଭିଯୋଗ କରିବାକୁ ଯିବା ପୂର୍ବରୁ ସମ୍ପୃକ୍ତ ବ୍ୟକ୍ତି ବିନା କାରଣରେ ପ୍ରଶାସନିକ ଅଧିକାରୀଙ୍କୁ ଗାଳିଗୁଲଜ କରିବା ସହ ପାଟିତୁଣ୍ଡ କରିଥିଲେ। ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରୁଥିବାରୁ ତାଙ୍କୁ ପୋଲିସ ହେପାଜତକୁ ନେଇଥିଲା। ତାଙ୍କୁ ପରେ ଛାଡ଼ି ଦିଆଯାଇଥିଲା ବୋଲି ଏସ୍‌ଡିପିଓ କହିଛନ୍ତି।

# ଦୁର୍ଘଟଣାଗ୍ରସ୍ତଙ୍କୁ ପଠାଇଲେ ଡାକ୍ତରଖାନା

**କାମାକ୍ଷାନଗର, ୧୪।୭(ଡି.ଏନ୍.ଏ.)**

**ମାନବିକତା ଦେଖାଇଲେ ଡାକ୍ତର**

ବ୍ୟକ୍ତିଗତ ଜୀବନକୁ ପଛରେ ପକାଇ ବୃତ୍ତିଗତ କ୍ଷେତ୍ରକୁ ସର୍ବଦା ଅଗ୍ରାଧିକାର ଦେଇ ଆସିଥାଆନ୍ତି ଡାକ୍ତର। କରୋନା ସମୟରେ ଏଭଳି ଅନେକ ଉଦାହରଣ ଦେଖିବାକୁ ମିଳିଛି। ତେଣୁ ଡାକ୍ତରଙ୍କୁ ଦିଆଯାଇଛି ଦ୍ୱିତୀୟ ଭଗବାନଙ୍କ ସ୍ଥାନ। ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ କାର୍ଯ୍ୟରତ ଡାକ୍ତର ସିଦ୍ଧାର୍ଥ ବେହୁରା ଏହାକୁ ଯଥାର୍ଥ ବୋଲି ପ୍ରତିପାଦନ କରିଛନ୍ତି। ରାସ୍ତାରେ ପଡ଼ି ଛଟପଟ ହେଉଥିବା ଜଣେ ଦୁର୍ଘଟଣାଗ୍ରସ୍ତ ରୋଗୀଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇ ସେ ଦେଇଛନ୍ତି ମାନବିକତାର ପରିଚୟ।

ସୂଚନାଯୋଗ୍ୟ, ଡାକ୍ତର ବେହୁରା ଡ୍ୟୁଟି ପାଇଁ ମେଡିକାଲକୁ ଆସୁଥିବାବେଳେ କାମାକ୍ଷାନଗର ଥାନା ମହୁଲପାଳ ନିକଟରେ ବାଙ୍କୀ ଅଞ୍ଚଳର ବିକାଶ କୁମାର ଦଳେଇ (୨୪) ଦୁର୍ଘଟଣାର ଶିକାର ହୋଇ ରାସ୍ତାକଡ଼ରେ ପଡ଼ି ଛଟପଟ ହେଉଥିଲେ। ଡାକ୍ତର ବେଉରା ତାଙ୍କୁ ନିଜ କାର୍‌ରେ କାମାକ୍ଷାନଗର ମେଡିକାଲକୁ ଆଣି ଆବଶ୍ୟକ ଚିକିତ୍ସା କରାଇଥିଲେ। ଦୁର୍ଘଟଣାର ଶିକାର ରୋଗୀଙ୍କୁ ଡାକ୍ତରଖାନା ପଠାଇବା ଲାଗି ସରକାର ସଚେତନ ସୃଷ୍ଟି କରୁଛନ୍ତି। ତେବେ ପୋଲିସ ହଇରାଣ କରିବା ଭୟରେ ଅନେକ ସମୟରେ ଦୁର୍ଘଟଣାଗ୍ରସ୍ତଙ୍କୁ ମେଡିକାଲ ପଠାଇବା ଲାଗି ଲୋକେ ପଛଘୁଞ୍ଚା ଦେଉଛନ୍ତି। ତେଣୁ ରୋଗୀଙ୍କ ଜୀବନ ବିପଦରେ ପଡୁଛି। ବିଳମ୍ବରେ ମେଡିକାଲରେ ପହଞ୍ଚିବା କାରଣରୁ ଅନେକ ସମୟରେ ଜୀବନ ମଧ୍ୟ ଚାଲିଯାଉଛି। ତେଣୁ ଏଭଳିସ୍ଥିତିରେ ମାନବିକତାର ପରିଚୟ ଦେଇ ସହାୟତାର ହାତ ବଢ଼ାଇବାକୁ ଡାକ୍ତର ବେଉରା ନିବେଦନ କରିଛନ୍ତି।



ଆହତ ବ୍ୟକ୍ତିଙ୍କୁ ଡାକ୍ତରଖାନାକୁ ନିଆଯାଉଛି।

# ଶିକ୍ଷା ସହ ସଂସ୍କାର ରହିବା ଜରୁରୀ



ମାଟ୍ରିକ ପରୀକ୍ଷାରେ ଜଣେ ଏ-୧ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଏ-୧ ଗ୍ରେଡ୍‌ଧାରୀ ସମ୍ବର୍ଦ୍ଧିତ**

**ଢେଙ୍କାନାଳ ଅଫିସ, ୧୪।୭**

ଢେଙ୍କାନାଳ 'ଆମ ପ୍ରତିଭା ଆମ ସମ୍ମାନ' ଅନୁଷ୍ଠାନ ପକ୍ଷରୁ ଗୁରୁବାର ପୌରାଞ୍ଚଳ, ସଦର, ଗଁଦିଆ ବ୍ଲକ ଏବଂ କଙ୍କଡ଼ାହାଡ଼ ବ୍ଲକର ଏ-୧ ଗ୍ରେଡ୍‌ଧାରୀ ୫୧ଜଣ ମେଧାବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପୁରୁଣା ଜିଲା ପରିଷଦ ହଲ୍ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ମହେଶ ସାହୁ ଯୋଗଦେଇ କହିଲେ, ଜ୍ଞାନର ସୀମା ଅଧିକ ବ୍ୟାପକ ହୋଇଛି। ଜୀବନରେ ଅନେକ ବାଟ ଯିବାର ଅଛି। ଅନେକ ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିବ। ସବୁ ପ୍ରକାର ପରିସ୍ଥିତିକୁ ମୁକାବିଲା କରିବାକୁ ହେବ। ତେଣୁ ଶିକ୍ଷା ସହିତ ସଂସ୍କାର ରହିବା ମଧ୍ୟ ଜରୁରୀ। ଯାହାଦ୍ୱାରା ପିଲଙ୍କ ପାଇଁ ଶିକ୍ଷୟିତ୍ରୀ, ଶିକ୍ଷକ, ଅଭିଭାବକ ଏବଂ ଅଞ୍ଚଳବାସୀ ଗର୍ବିତ ହୋଇପାରିବେ। ଆଜିର ସଫଳତାକୁ ଭବିଷ୍ୟତରେ ବଜାୟ ରଖିବା ପାଇଁ ଏମ୍‌ପି ପରାମର୍ଶ ଦେଇଥିଲେ। 'ଆମ ପ୍ରତିଭା ଆମ ସମ୍ମାନ' ଅନୁଷ୍ଠାନ ସଭାପତି ପ୍ରିୟରଞ୍ଜନ ମାହୁନ୍ତଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ମନୋରଞ୍ଜନ ବିଶ୍ୱାଳ, ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ, ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷ କୋଦଣ୍ଡଧର ସାହୁ, ସଦର ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ବ୍ରହ୍ମାନନ୍ଦ ରାଉତ, ଶିକ୍ଷାବିତ୍ ଡ. ସମୀର ସାହୁ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ଅବସରରେ ଏ-୧ ଗ୍ରେଡ୍ ଛାତ୍ରୀଛାତ୍ରଙ୍କୁ ଏକ ଶବ୍ଦକୋଷ, ମାନପତ୍ର ପ୍ରଦାନ କରାଯାଇଥିଲା। ଶିକ୍ଷାବିତ୍ ଡ. ସମୀର ସାହୁଙ୍କ ସମେତ ବିଭିନ୍ନ ସ୍କୁଲର ଶିକ୍ଷୟିତ୍ରୀ, ଶିକ୍ଷକ, ଅଭିଭାବକ ଏବଂ ଗଣମାଧ୍ୟମ ପ୍ରତିନିଧି ମଧ୍ୟ ସମ୍ବର୍ଦ୍ଧିତ ହୋଇଥିଲେ। କାର୍ଯ୍ୟକ୍ରମକୁ ସତ୍ୟନାରାୟଣ କର ସଂଯୋଜନା କରିଥିବାବେଳେ ଅନୁଷ୍ଠାନର ରୁଦ୍ରାନ୍ତ ଦଳେଇ, ତିଳୋତ୍ତମା ଚୌଧୁରୀ, ଦୁଷ୍ମନ୍ତ ମହାନ୍ତି, ଶ୍ୟାମସୁନ୍ଦର ସାହୁ, ସଦାଶିବ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ତ୍ରୁଟିଶୂନ୍ୟ ମଣ୍ଡି ପରିଚାଳନା ଦାବି

**ଢେଙ୍କାନାଳ ଅଫିସ, ୧୪।୭**

ସେବା ସମବାୟ ସମିତି ମାଧ୍ୟମରେ ତ୍ରୁଟିଶୂନ୍ୟ ମଣ୍ଡି ପରିଚାଳନା ଏବଂ ଚାଷୀଙ୍କ ପଞ୍ଜୀକରଣ ଠିକ୍ ଭାବେ କରିବା ପାଇଁ ଦାବି କରିଛନ୍ତି ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡ କନ୍ତିଓପୁଟସାହି ପଞ୍ଚାୟତର ଚାଷୀ। ଏ ନେଇ ସେମାନେ ଗୁରୁବାର ଜିଲା କାର୍ଯ୍ୟାଳୟଠାରେ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଗତବର୍ଷ ପରିଚାଳନାଗତ ତ୍ରୁଟି ଯୋଗୁ ମଣ୍ଡିରେ ଧାନ ବିକ୍ରିରେ ଚାଷୀମାନେ ନାହିଁ ନ ଥିବା ସମସ୍ୟା ଭୋଗିଥିଲେ। ଅନେକେ ଚାଷୀ ଧାନ ବିକ୍ରି କରି ନ ପାରି ନିରାଶ ହୋଇଥିଲେ। ନିକଟରେ ରାଜ୍ୟ ସରକାର ଧାନକିଣା କାର୍ଯ୍ୟରେ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)କୁ ନିୟୋଜିତ କରିଛନ୍ତି। ତେବେ ସେମାନଙ୍କ ନିକଟରେ ପରିଚାଳନାଗତ ଦକ୍ଷତା ନ ଥିବାରୁ ସମସ୍ୟା ଉପୁଜୁଛି। ତେଣୁ ଏସ୍‌ଏଚ୍‌ଜି ପରିବର୍ତ୍ତେ ସେବା ସମବାୟ ସମିତି ମାଧ୍ୟମରେ ଧାନମଣ୍ଡି କରିବା ପାଇଁ ଜିଲାପାଳଙ୍କ ନିକଟରେ ନିବେଦନ କରିଛନ୍ତି।



ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ଚାଷୀମାନେ।

# ୫୦୦୦ ଲୋକଙ୍କୁ ମିଳୁନି ପାଣି

**ଢେଙ୍କାନାଳ ଅଫିସ, ୧୪।୭**

**ନାଗିଆପଶି ଅଞ୍ଚଳବାସୀ ପ୍ରଶାସନର ଦ୍ୱାରସ୍ଥ**

ଢେଙ୍କାନାଳ ସଦର ବ୍ଲକ ନାଗିଆପଶି ଗ୍ରାମରେ ପାନୀୟ ଜଳସମସ୍ୟା ଉତ୍କଟ ରୂପ ଧାରଣ କରିଛି। ଗ୍ରାମବାସୀଙ୍କୁ ବିଶୁଦ୍ଧ ପାଣି ଯୋଗାଣ ଲାଗି ନିର୍ମିତ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଉନାହିଁ। ଫଳରେ ୫୦୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଜଳସଙ୍କଟର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଏ ନେଇ ସେମାନେ ଗୁରୁବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇ ସମସ୍ୟା ସମାଧାନ କରିବାକୁ ଦାବି କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଗ୍ରାମର ଜନସଂଖ୍ୟା ହିସାବରେ ପାନୀୟ ଜଳ ଯୋଗାଣ ପାଇଁ କୌଣସି ବ୍ୟବସ୍ଥା ନାହିଁ। ଜିଲା ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ ଦୀର୍ଘଦିନରୁ ଏକ ପ୍ରକଳ୍ପ ନିର୍ମାଣ କରାଯାଇଥିଲେ ମଧ୍ୟ ଏହା ଅଦ୍ୟାବଧି ପାଣି ଯୋଗାଇବାରେ ବିଫଳ ହୋଇଛି। ଲୋକମାନେ ବାଧ୍ୟ ହୋଇ ପୋଖରୀ, ଗାଡ଼ିଆର ଦୂଷିତ ପାଣି ବ୍ୟବହାର କରୁଛନ୍ତି। ଏବେ ବର୍ଷାଦିନ ଆସିଯାଇଥିବାରୁ ସମସ୍ୟା ବଢ଼ିଯାଇଛି। ଜଳବାହିତ ସଂକ୍ରାମକ ରୋଗ ବ୍ୟାପିବା ଆଶଙ୍କାକୁ ଏଡ଼ାଇ ଦିଆଯାଇପାରୁନାହିଁ। ଏ ସମ୍ପର୍କରେ ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗର ବାରମ୍ବାର ଦୃଷ୍ଟି ଆକର୍ଷଣ କରିବା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ସମସ୍ୟା ବଢ଼ିବାରେ ଲାଗିଛି। ତେଣୁ ପ୍ରକଳ୍ପ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ଗ୍ରାମ କମିଟି ସଭାପତି ଅଶ୍ୱିନୀ ମହାନ୍ତି, ସମ୍ପାଦକ ସୁରେଶ ପରିଡ଼ା ସମେତ ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।



ପାନୀୟଜଳ ଯୋଗାଣ ଦାବିରେ ପ୍ରଶାସନର ଦ୍ୱାରସ୍ଥ ହୋଇଥିବା ଗ୍ରାମବାସୀ।

# ସଚେତନତା, ସ୍ୱଚ୍ଛତାକୁ ଅଗ୍ରାଧିକାର

**ଢେଙ୍କାନାଳ ଅଫିସ, ୧୪।୭**

■ସତର୍କ ରହିଲେ ଦମନ ହେବ ଡେଙ୍ଗୁ, ମ୍ୟାଲେରିଆ

■ଡାକବାଜି ଯନ୍ତ୍ର ଦ୍ୱାରା କରାଯିବ ପ୍ରଚାର

■ପ୍ରତି ରବିବାର ପାଳନ ହେବ ଡ୍ରାଏ ଡେ'




ବୈଠକରେ ଜିଲାପାଳ, ଜିଲା ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ।

ଢେଙ୍କାନାଳ ଜିଲାରେ ଯଦିଓ ମ୍ୟାଲେରିଆ ଓ ଡେଙ୍ଗୁ ଭଳି ମାରାତ୍ମକ ଜ୍ୱର ନିୟନ୍ତ୍ରଣରେ ରହିଛି, ତଥାପି ବିପଦ ଟଳିନାହିଁ। ତେଣୁ ବର୍ଷାଦିନେ ବ୍ୟାପୁଥିବା ଏଭଳି ସଂକ୍ରାମକ ଜ୍ୱରକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରିବା ଏବଂ ମୃତ୍ୟୁହାର ଶୂନ୍ୟସ୍ତରରେ ରହିବା ଲାଗି ଉଦ୍ୟମ କରିବା ନେଇ ଗୁରୁତ୍ୱାରୋପ କରିଛନ୍ତି ଜିଲାପାଳ ସରୋଜ କୁମାର ସେଠୀ। ସମସ୍ତେ ସତର୍କ ରହିଲେ ଡେଙ୍ଗୁ, ମ୍ୟାଲେରିଆ ଦମନ କରିବା ସହଜ ହେବ। ଏଥିଲାଗି ସଚେତନତା ଏବଂ ସ୍ୱଚ୍ଛତାକୁ ଅଗ୍ରାଧିକାର ଦେବାକୁ ଜିଲାପାଳ ଗୁରୁତ୍ୱାରୋପ କରିଛନ୍ତି।

ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ହଲ୍‌ରେ ଗୁରୁବାର ଜିଲାସ୍ତରୀୟ ଡେଙ୍ଗୁ ମାସ ପାଳନ, ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆ ନିରାକରଣ ପାଇଁ ଆନ୍ତଃ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଜିଲାପାଳ 'ମୋ ବ୍ଲକ', 'ମୋ ପଞ୍ଚାୟତ' କାର୍ଯ୍ୟକ୍ରମ ଅଧୀନରେ ସଚେତନମୂଳକ ସୂଚନା ପତ୍ରିକା ବଣ୍ଟନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାବାସୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ସବୁଠି ଡାକବାଜି ଯନ୍ତ୍ର ସହାୟତାରେ ପ୍ରଚାର କରାଯିବ। ରୋଗୀ ଚିହ୍ନଟ ହେଉଥିବା ଅଞ୍ଚଳରେ ନମୁନା ପରୀକ୍ଷଣ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ବିଶେଷ କରି ମ୍ୟାଲେରିଆପ୍ରବଣ କଙ୍କଡ଼ାହାଡ଼ ବ୍ଲକକୁ ଫୋକସ୍‌ରେ ରଖିବାକୁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି।

ବିଦ୍ୟାଳୟସ୍ତରରେ ଛାତ୍ରୀଛାତ୍ରଙ୍କୁ ଏ ସମ୍ପର୍କରେ ଅବଗତ କରାଇବା, ପିଲାମାନେ ଯେପରି ମଶାରି ବ୍ୟବହାର କରିବେ ସେଥିପାଇଁ ଆବଶ୍ୟକ ପଦକ୍ଷେପ ନେବା ଲାଗି ଜିଲା ଶିକ୍ଷା ଅଧିକାରୀ ଓ ଜିଲା ମଙ୍ଗଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କମ୍ପାନୀ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସଚେତନଧର୍ମୀ ହୋର୍ଡିଂ, ବ୍ୟାନର ଲଗାଇବା, ପତ୍ରିକା ବାଣ୍ଟିବା, ମଶାତେଲ ସିଞ୍ଚନ, ଧୂଆଁ ଦେବା ବ୍ୟବସ୍ଥା କରିବାକୁ ଶିଳ୍ପସଂସ୍ଥାଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ପୌରାଞ୍ଚଳରେ ଠିକ୍ ଭାବେ ମଶାତେଲ ସିଞ୍ଚନ, ଡ୍ରେନ୍ ସଫେଇ, ସ୍ୱଚ୍ଛତା ରକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଛି। ଜିଲାର ସମସ୍ତ ବ୍ଲକ, ପଞ୍ଚାୟତ କାର୍ଯ୍ୟାଳୟ ଓ ଗ୍ରାମରେ ପ୍ରତି ରବିବାର ଡ୍ରାଏ ଡେ' ପାଳନ କରିବାକୁ ଅନୁରୋଧ କରାଯାଇଛି।

ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାଶ ଡେଙ୍ଗୁ ଓ ମ୍ୟାଲେରିଆର ଲକ୍ଷଣ ଓ ପ୍ରତିକାର ସମ୍ପର୍କରେ ଆଲୋଚନା କରିଥିଲେ। ଜିଲା ଭେକ୍ଟରବାହିତ ରୋଗ ପରାମର୍ଶଦାତା ତପନ କୁମାର ସାହୁ ପାୱାର ପଏଣ୍ଟ ପ୍ରେଜେଣ୍ଟେଶନ ମାଧ୍ୟମରେ ମ୍ୟାଲେରିଆ, ଡେଙ୍ଗୁ ଦମନ କାର୍ଯ୍ୟକ୍ରମର ବିବରଣୀ ଉପସ୍ଥାପନ କରିଥିଲେ। ୨୦୨୧ରେ ଜିଲାରେ ମ୍ୟାଲେରିଆରେ ୪୪ ଏବଂ ଡେଙ୍ଗୁରେ ୫୧ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ୨୦୨୨ରେ ଅଦ୍ୟାବଧି ୨୭ ମ୍ୟାଲେରିଆ ଏବଂ ୫ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇସାରିଲେଣି। ତେବେ କୌଣସି ଆକ୍ରାନ୍ତଙ୍କ ମୃତ୍ୟୁ ହୋଇ ନ ଥିବା ସୂଚନା ଦିଆଯାଇଛି।

ବୈଠକରେ ରାଜ୍ୟ ଭେକ୍ଟରବାହିତ ରୋଗ ନିର୍ଦ୍ଦେଶକ ଡା. ସୁବାଶିଷ ମହାନ୍ତି, ଅତିରିକ୍ତ ଜିଲାପାଳ(ରାଜସ୍ୱ) ଉଦୟ କୁମାର ମହାପାତ୍ର, ଜିଲା ପରିଷଦ ପ୍ରକଳ୍ପ ନିର୍ଦ୍ଦେଶକ ସାଫଲ୍ୟ ମଣ୍ଡିତ ପ୍ରଧାନ, ଢେଙ୍କାନାଳ ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ହିନ୍ଦୋଳ ଉପଜିଲାପାଳ ଶିବାନନ୍ଦ ସ୍ୱାଇଁ, ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର, ଜାତୀୟ ସ୍ୱାସ୍ଥ୍ୟ ମିଶନ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ, ଜିଲା ଭେକ୍ଟରବାହିତ ରୋଗ ନିରାକରଣ ଅଧିକାରୀ ଡା. ହେମନ୍ତ କୁମାର ହେମ୍ବ୍ରମ, ଯକ୍ଷ୍ମା ନିୟନ୍ତ୍ରଣ ବିଭାଗ ଅଧିକାରୀ ଡା. ଗୁରୁପ୍ରସାଦ ଜେନା, ଜିଲା ମୁଖ୍ୟ ଚିକିତ୍ସାଳୟ ଅଧୀକ୍ଷକ ଡା. ଜୟକୃଷ୍ଣ ନାୟକ, ରାଜ୍ୟ ଭେକ୍ଟରବାହିତ ରୋଗ ପରାମର୍ଶଦାତା ଦେବକାନ୍ତ ସନ୍ଧିବିଗ୍ରହଙ୍କ ସମେତ ବିଭିନ୍ନ ଶିଳ୍ପସଂସ୍ଥାର ପ୍ରତିନିଧିମାନେ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ଯୁବକଙ୍କ ମୃତଦେହ ଠାବ

**ଛେଣ୍ଡିପଦା,୧୪।୭(ସ୍ୱ.ପ୍ର):** ଛେଣ୍ଡିପଦା ଥାନା ଶିମିଳିପାଳ ପଞ୍ଚାୟତ ଏକ କାଜୁ ବଗିଚାରୁ ଗୁରୁବାର ସପୋଇନାଳି ଗ୍ରାମର ଅଚ୍ୟୁତା ନନ୍ଦ ବାଘ(୪୬)ଙ୍କ ଝୁଲନ୍ତା ମୃତଦେହ ଠାବ କରାଯାଇଛି। ଘଟଣାରୁ ପ୍ରକାଶ, ଅଚ୍ୟୁତା ନନ୍ଦ ମଜୁରିଆ ଭାବେ କାମ କରି ପରିବାର ପ୍ରତିପୋଷଣ କରନ୍ତି। କିଛିଦିନ ହେବ ସେ ମଜୁରି କରି ଯାଉ ନ ଥିବାବେଳେ ପରିବାର ପ୍ରତିପୋଷଣକୁ ନେଇ ପାରିବାରିକ କଳହ ଲାଗି ରହିଥିଲା। ସବୁଦିନ ପରି ଗୁରୁବାର ସକାଳୁ ସେ ଘରୁ ବାହାରି ଯାଇଥିଲେ। କିନ୍ତୁ ଦିନ ୧୧ଟା ବେଳେ କାଠପାଳ ଗ୍ରାମର ଉପର କୋଡାସାହି ନିକଟରେ ଥିବା ଏକ କାଜୁ ବଗିଚାରେ ତାଙ୍କ ଝୁଲନ୍ତା ମୃତଦେହ ଦେଖି ସ୍ଥାନୀୟ ଲୋକ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକ ଓ ସମ୍ପର୍କୀୟମାନେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ କହିଛି।

### ଯୌତୁକଜନିତ ବଧୂହତ୍ୟା ଅଭିଯୋଗ: ସ୍ୱାମୀ, ଶଶୁର ଗିରଫ

**ଅନୁଗୋଳ ଅଫିସ,୧୪।୭:** ଅନୁଗୋଳ ଜିଲା ବନ୍ତଲା ଥାନା ଲାଛବନ୍ଧ ଗ୍ରାମରେ ଯୌତୁକ ଦାବିରେ ଜଣେ ବଧୂଙ୍କୁ ହତ୍ୟା କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ସ୍ୱାମୀ ଓ ଶଶୁରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ, ଅନୁଗୋଳ ବ୍ଲକ ଖିଣ୍ଡା ଗ୍ରାମର ସରୋଜିନୀ ସାହୁଙ୍କ ସହିତ ଲାଛବନ୍ଧ ଗ୍ରାମର ଚୈତନ୍ୟ ସାହୁଙ୍କ ୨ ବର୍ଷ ତଳେ ବୈଦିକ ରୀତିରେ ବିବାହ ହୋଇଥିଲା। ବାହାଘର ପରଠାରୁ ଅଧିକ ଯୌତୁକ ଦାବିରେ ସରୋଜିନୀଙ୍କୁ ତାଙ୍କ ସ୍ୱାମୀ ଚୈତନ୍ୟ ଓ ଶ୍ୱଶୁର ଜୀବନ ସାହୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇ ଆସୁଥିଲେ। ଏପରିକି ପାଟିତୁଣ୍ଡ ହେବା ପରେ ସରୋଜିନୀ ଶାଶୁଘର ଛାଡ଼ି ବାପଘର ଖିଣ୍ଡା ଗ୍ରାମରେ ରହୁଥିଲେ। ବହୁ ବୁଝାଶୁଝା ପରେ ସେ ପୁଣି ଥରେ ଶାଶୁଘରକୁ ୪ ଦିନ ତଳେ ଫେରିଥିଲେ। ଗୁରୁବାର ସକାଳୁ ଘର ଭିତରୁ ତାଙ୍କ ମୃତଦେହ ଜବତ କରାଯାଇଛି। ଯୌତୁକ ପାଇଁ ଶାଶୁଘର ଲୋକେ ତାଙ୍କୁ ହତ୍ୟା କରିଥିବା ଭିଣୋଇ ଚନ୍ଦ୍ରମଣି ଦେହୁରୀ ବନ୍ତଲା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

### ବିଜୟ ଦୁର୍ଗାପୁର ସମବାୟ ସମିତି ସଭାପତି



**ଛେଣ୍ଡିପଦା,୧୪।୭(ସ୍ୱ.ପ୍ର):** ଅନୁଗୋଳ ଛେଣ୍ଡିପଦା ବ୍ଲକ୍ ଦୁର୍ଗାପୁରୁ ସେବା ସମବାୟ ସମିତି ସଭାପତି ଭାବେ ବିଜୟ କୁମାର ମାଝୀ ଗୁରୁବାର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଦୁର୍ଗାପୁରୁ, କତଡା ଓ କୋରଡା ପଞ୍ଚାୟତକୁ ନେଇ ଗଠିତ ହୋଇଥିବା ୧୫ଟି ୱାର୍ଡର ନିର୍ଦ୍ଦେଶକ ପାଇଁ ନିର୍ବାଚନ ଶେଷ ହୋଇଯାଇଛି। ସଭାପତି ପଦ ପାଇଁ କେହି ପ୍ରାର୍ଥୀ ପତ୍ର ଦାଖଲ ନ କରିବାରୁ ବିଜୟ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଥିଲେ। ଅନ୍ୟପକ୍ଷରେ ବିଜୟ ବିଜେଡି ସମର୍ଥିତ ପ୍ରାର୍ଥୀ ଥିବାବେଳେ ତାଙ୍କୁ ୯ଜଣ ନିର୍ଦ୍ଦେଶକ ସମର୍ଥନ କରିଛନ୍ତି। ଚାଷୀମାନଙ୍କ ସମସ୍ୟା ସମାଧାନ ଦିଗରେ କାର୍ଯ୍ୟ କରିବେ ବୋଲି ବିଜୟ ପ୍ରକାଶ କରିଛନ୍ତି।

# ‘କଂଗ୍ରେସ ଦଳ ଓଡ଼ିଶା ବିରୋଧୀ’

**ଦ୍ରୌପଦୀ ମୁର୍ମୁଙ୍କ ପ୍ରତି ଘୃଣ୍ୟ ମନ୍ତବ୍ୟ ପ୍ରତିବାଦରେ ଭାଜପାର ବିକ୍ଷୋଭ**

**ଅନୁଗୋଳ ଅଫିସ୍/ତାଳଚେର(ନି.ପ୍ର.), ୧୪।୭**

ଏନ୍‌ଡିଏ ସମର୍ଥିତ ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କ ପ୍ରତି କଂଗ୍ରେସ ମୁଖପାତ୍ର ଅଜୟ କୁମାରଙ୍କ ଘୃଣ୍ୟ ମନ୍ତବ୍ୟଙ୍କୁ ନେଇ ଭାଜପା ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ଗୁରୁବାର ଅନୁଗୋଳ ଜିଲା ସଭାପତି ଡିଲେଶ୍ୱର ପ୍ରଧାନଙ୍କ ନେତୃତ୍ୱରେ ରାଜାଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦଳୀୟ କର୍ମକର୍ତ୍ତାମାନେ ପ୍ରତିବାଦ ସଭା କରି କଂଗ୍ରେସ ଉପରେ ବର୍ଷିଛନ୍ତି। କଂଗ୍ରେସ ଦଳ ଓଡ଼ିଶା, ମହିଳା ଏବଂ ଆଦିବାସୀ ବିରୋଧୀ। ଓଡ଼ିଶାର ଜଣେ ଆଦିବାସୀ ମହିଳାଙ୍କୁ କଂଗ୍ରେସ ରାଷ୍ଟ୍ରପତି ଭାବେ ଦେଖିବାକୁ ଚାହୁଁନାହିଁ। କଂଗ୍ରେସ ମୁଖପାତ୍ରଙ୍କ ଏଭଳି ମନ୍ତବ୍ୟ ଲଜ୍ଜାଜନକ ବୋଲି ଭାଜପା କାର୍ଯ୍ୟକର୍ତ୍ତାମାନେ ଅଭିଯୋଗ କରିଥିଲେ। ଏହି ଅବସରରେ ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ମୁଖପାତ୍ର ଅଜୟ କୁମାରଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଜିଲା ସାଧାରଣ ସମ୍ପାଦକ ସୁଦୀପ ଗଡ଼ନାୟକ ତତ୍ତ୍ୱାବଧାନରେ ଆୟୋଜିତ ବିକ୍ଷୋଭ କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମିଶ୍ର, ଜିଲା ସମ୍ପାଦକ ପ୍ରଭାତ ପ୍ରଧାନ, ଜିଲା କୋଷାଧ୍ୟକ୍ଷ ବିଶ୍ୱଜିତ ମିଶ୍ର, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ବସନ୍ତ ମଞ୍ଜରୀ ପ୍ରଧାନ, ଜିଲା ଯୁବମୋର୍ଚ୍ଚା ସଭାପତି ସୁଦୀପ୍ତ ସ୍ୱାଇଁ, ବରିଷ୍ଠ ନେତା ଦିଲୀପ ଦାସ, ପ୍ରଶାନ୍ତ ପୃଷ୍ଟି, ଅଜିତ ପ୍ରଧାନ, ସଞ୍ଜିତ୍ ଷଡ଼ଙ୍ଗୀ, ଅନିଲ ସ୍ୱାଇଁ, କାଉନ୍ସିଲର ସରିତା ମିଶ୍ର, ସୁଚିସ୍ମିତା ତ୍ରିପାଠୀ, ମହମ୍ମଦ ସବୀର, କାଲା ଖାନ୍, ମିଳାପ ପ୍ରଧାନ, ଚନ୍ଦ୍ରକାନ୍ତ ଧଳ, ସମୀର ପରିଡା, ଗୋପାଳ ଚନ୍ଦ୍ର ଦାସ, ପୁରୁଷୋତ୍ତମ ନାୟକ, ସୌମ୍ୟପ୍ରସାଦ ଦେବତା, ଅମୀର ସାହୁ, ଭୀଷ୍ମ ପ୍ରଧାନ, ତପନ ମଲ୍ଲ ପ୍ରମୁଖ ସାମିଲ ହୋଇଥିଲେ।

ସେହିପରି ତାଳଚେରରେ ଭାଜପାର ରାଜ୍ୟ ସମ୍ପାଦକ କାଳିନ୍ଦୀ ସାମଲଙ୍କ ପରାମର୍ଶରେ ବରିଷ୍ଠ ନେତା ଯଯାତି ପଟ୍ଟନାୟକ, ଜିଲା ସାଧାରଣ ସମ୍ପାଦକ ପ୍ରକାଶ ମହାରଣାଙ୍କ ନେତୃତ୍ୱରେ ପ୍ରତିବାଦ କରାଯାଇଥିଲା। ଏହି ଉପଲକ୍ଷେ ହାଟତୋଟା ହନୁମାନ ମନ୍ଦିରଠାରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ପରେ ମଙ୍ଗଳା ମନ୍ଦିର ଛକରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କଂଗ୍ରେସ ଏବଂ ଏହାର ନେତା ରାହୁଲ ଗାନ୍ଧୀ ଓଡ଼ିଶା ବିରୋଧୀ ବୋଲି ଭାଜପା କର୍ମକର୍ତ୍ତାମାନେ ସ୍ଲୋଗାନ୍ ଦେଇଥିଲେ। ଜିଲା ମିଡିଆ ସେଲ୍ ଅଧ୍ୟକ୍ଷ ପର୍ଶୁରାମ ବାରିକ, ଜିଲା ସମ୍ପାଦକ ପ୍ରଶାନ୍ତ ନନ୍ଦ, ରାଜ୍ୟ ପରିଷଦ ସଦସ୍ୟ ଅଖିଳ ସାମଲ, ମଣ୍ଡଳ ପ୍ରଭାରୀ ପୁଲିନ ବିହାରୀ ନାୟକ, କାଳିନ୍ଦୀ ପ୍ରଧାନ, ନରେନ୍ଦ୍ର ସାହୁ, ମଣ୍ଡଳ ସାଧାରଣ ସମ୍ପାଦକ ନୀରୋଜ ଦାସ, ଜ୍ଞାନେନ୍ଦ୍ରୀୟ ସେଠୀ, ଖଇରା ପ୍ରଧାନ, ଗୋପାଳ ସାହୁ, ସତ୍ୟବନ୍ତ ସାହୁ, କାଉନସିଲର ଅନିତା ବିଶ୍ୱାଳ, ସ୍ୱାଧୀନ ଅମ୍ବ, ସନ୍ତୋଷ ବେହେରା, ବାଲ୍ମୀକି ପ୍ରସାଦ କେଶରୀ, ଅକ୍ଷୟ ବିଶ୍ୱାଳ, ମିଲି ପ୍ରଧାନ, ମୃଣାଳିନୀ ପଟ୍ଟନାୟକ, ଝରଣା ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ବେହେରା, ଅଜୟ ସାହୁ, ସୁନୀଲ ବିଶ୍ୱାଳ, ସୁବ୍ରତ ସାହୁ, ତପନ ନନ୍ଦ, ଅରବିନ୍ଦ ମିଶ୍ର, ଭଜମନ ବେହେରାଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଏଥିରେ ସାମିଲ ହୋଇଥିଲେ।



ଅନୁଗୋଳରେ ଭାଜପା କର୍ମୀମାନେ କୁଶପୁତ୍ତଳିକା ଦାହ କରୁଛନ୍ତି।



ତାଳଚେରରେ ଭାଜପା କର୍ମୀମାନେ ପ୍ରତିବାଦ କରୁଛନ୍ତି।

## ବିଜେଡିରେ ସାମିଲ ହେଲେ କଂଗ୍ରେସ, ଭାଜପା କର୍ମୀ

**ବଇଣ୍ଡା/ଆଠମଲ୍ଲିକ,୧୪।୭ (ଡି.ଏନ.ଏ.)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆଠମଲ୍ଲିକ ଉପଖଣ୍ଡର ବହୁ କଂଗ୍ରେସ ଓ ଭାଜପା କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ସମ୍ବଲପୁର ବିଜେଡି ପର୍ଯ୍ୟବେକ୍ଷକ ନଳିନୀକାନ୍ତ ପ୍ରଧାନଙ୍କ ଭୁବନେଶ୍ୱରସ୍ଥିତ ବାସଭବନଠାରେ ଗୁରୁବାର ଜିଲା କଂଗ୍ରେସ ସମ୍ପାଦକ ତଥା ପୂର୍ବତନ ସରପଞ୍ଚ ନିରଞ୍ଜନ ପାତ୍ର, ନରେନ୍ଦ୍ର ବଘାର, ଶ୍ରୀକାନ୍ତ ମହାକୁଡ଼, ଅରୁଣ ପ୍ରଧାନ, ସୁରେନ୍ଦ୍ର ମହାକୁଡ଼, କାର୍ତ୍ତିକ କର୍ଣ୍ଣ, ମଦନ ଖେତୀ, ସତ୍ୟ ପ୍ରଧାନ, କୁଳମଣି ବେହେରା, ହରି ବନମାଳୀ ପ୍ରମୁଖ ସାମିଲ ହୋଇଛନ୍ତି। ସେହିପରି କୁଦଗାଁ ପଞ୍ଚାୟତ ଭାଜପା କର୍ମୀ ବିଶ୍ୱରଞ୍ଜନ ପ୍ରଧାନ, ବିଭୀଷଣ କର୍ଣ୍ଣ, ସୁମନ୍ତ ମେହେର ପ୍ରମୁଖ ବିଜେଡିରେ ସାମିଲ ହୋଇଛନ୍ତି। ପ୍ରଧାନ ସମସ୍ତଙ୍କୁ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ। ଏମାନେ ମିଶିବା ଦ୍ୱାରା ଦଳ ସୁଦୃଢ଼ ହେବ ବୋଲି ପ୍ରଧାନ ପ୍ରକାଶ କରିଛନ୍ତି।



ବିଜେଡିରେ ସାମିଲ ହୋଇଥିବା କଂଗ୍ରେସ ଓ ଭାଜପା କର୍ମୀ।

## ରାଷ୍ଟ୍ର କଲ୍ୟାଣ ପାଇଁ ପ୍ରାର୍ଥନା

**କଣିହାଁ,୧୪।୭(ଡି.ଏନ.ଏ.)**

କଣିହାଁ ବ୍ଲକ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ(ଆର୍‌ଏସ୍‌ଏସ) ତରଫରୁ ଗୁରୁପୂର୍ଣ୍ଣିମା ଉପଲକ୍ଷେ ବୁଧବାର ଭୀମକାଣ୍ଡ ଶିବ ମନ୍ଦିରଠାରେ ପୂଜାର୍ଚ୍ଚନା ସହିତ ରାଷ୍ଟ୍ର କଲ୍ୟାଣ ପାଇଁ ପ୍ରାର୍ଥନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶାଖା ପରିଚାଳକ ଲକ୍ଷ୍ମୀଧର ବିଶ୍ୱାଳ, ସୁଶାନ୍ତ ସାହୁ ଯୋଗଦେଇ ସଂଘ ପତାକା ଉତ୍ତୋଳନ କରିଥିଲେ। ସଂଘ ସେବକମାନେ ସର୍ବଦା ସେବକ ମନୋଭାବ ରଖି ଜନସାଧାରଣ ସେବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଗୁରୁ ଓ ଶିଷ୍ୟ ସମ୍ପର୍କରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ସୁଶାନ୍ତ ତ୍ରିପାଠୀ, ତ୍ରିପୁରାରୀ ପ୍ରଧାନ, ପ୍ରଦୀପ ସାହୁ, ଭୁବନ ବେହେରା, ବିଜୟ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।



ଆର୍‌ଏସ୍‌ଏସ୍ କାର୍ଯ୍ୟକର୍ତ୍ତାମାନେ ପୂଜାର୍ଚ୍ଚନା କରୁଛନ୍ତି।

## ଠକାମିର ଶିକାର ହେଲେ ବ୍ୟବସାୟୀ

**ଅନଗୋଳ ଅଫିସ,୧୪।୭**

ରାଜ୍ୟ ବାହାରୁ କଞ୍ଚାମାଲ ମଗାଇବାକୁ ଯାଇ ଠକାମିର ଶିକାର ହୋଇଛନ୍ତି ଜଣେ ବ୍ୟବସାୟୀ। ନୂଆଦିଲ୍ଲୀର ଏକ କମ୍ପାନୀ ୨୨ ହଜାର ତାଙ୍କଠାରୁ ଠକି ନେଇଥିବା ବ୍ୟବସାୟୀ ଜଣଙ୍କ ଛେଣ୍ଡିପଦା ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ, ତେଣ୍ଟୁଲୋଇ ଗ୍ରାମର ଧ୍ରୁବ ଚରଣ ପ୍ରଧାନ ନାମକ ଜଣେ ବ୍ୟବସାୟୀ ନୂଆଦିଲ୍ଲୀର ସି କେ ଇଣ୍ଡଷ୍ଟ୍ରି ନାମକ ଏକ ସଂସ୍ଥାରୁ କଞ୍ଚାମାଲ ମଗାଇବା ପାଇଁ ୯୯୧୧୩୬୬୯୧୧ ମୋବାଇଲ ନମ୍ବରରେ ଯୋଗାଯୋଗ କରିଥିଲେ। କଥାବାର୍ତ୍ତା ପରେ ଧ୍ରୁବ ଉକ୍ତ କମ୍ପାନୀର ଆକାଉଣ୍ଟ ନମ୍ବରରେ ଜୁନ୍ ୧୫ ତାରିଖରେ ୨ ହଜାର ଟଙ୍କା ଓ ଜୁନ୍ ୨୪ ତାରିଖରେ ୨୦ ହଜାର ଟଙ୍କା ପଠାଇଥିଲେ। ହେଲେ ଉକ୍ତ କମ୍ପାନୀ କଞ୍ଚାମାଲ ପଠାଇଲା ନାହିଁ। ଏହାପରେ ଧ୍ରୁବ ଠକାମୀର ଶିକାର ହୋଇଥିବା ଜାଣିପାରି ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ ଚଳାଇଛି।

## ପୂର୍ବତନ ସରପଞ୍ଚଙ୍କ ପରଲୋକ

**ବଇଣ୍ଡା,୧୪।୭(ଡି.ଏନ.ଏ.)**

କିଶୋରନଗର ବ୍ଲକ ରଣିଆକଟା ପଞ୍ଚାୟତର ପୂର୍ବତନ ସରପଞ୍ଚ ଅମିୟ କୁମାର ପ୍ରଧାନଙ୍କ ଗୁରୁବାର ପରଲୋକ ହୋଇଯାଇଛି। ସେ କିଛି ଦିନ ହେବ ଅସୁସ୍ଥ ଥିଲେ। ତାଙ୍କୁ ପରିବାର ଲୋକ ଚିକିତ୍ସା ପାଇଁ କଟକସ୍ଥିତ ଏକ ଘରୋଇ ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ତାଙ୍କ ପରଲୋକକୁ ନେଇ କିଶୋରନଗର ଓ ରଣିଆକଟା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ବନ୍ତୋଲରେ ଧାନବିକ୍ରି କେନ୍ଦ୍ର ସ୍ଥାପନ ଦାବି



**ତାଳଚେର, ୧୪।୭(ନି.ପ୍ର.)**

ତାଳଚେର ବ୍ଲକ ବନ୍ତୋଲ ପଞ୍ଚାୟତ ସଦରରେ ଏକ ଧାନ ବିକ୍ରୟ କେନ୍ଦ୍ର ସ୍ଥାପନ କରିବାକୁ ଚାଷୀମାନେ ଦାବି କରିଛନ୍ତି। ଏ ନେଇ ସେମାନେ ଉପଜିଲାପାଳଙ୍କୁ ଦାବିପତ୍ର ମାଧ୍ୟମରେ ସମସ୍ୟା ଜଣାଇଛନ୍ତି।

ଅଭିଯୋଗ ଅନୁଯାୟୀ, ବନ୍ତୋଲ ପଞ୍ଚାୟତର ଚାଷୀମାନେ ପଞ୍ଚାୟତ ସଦରଠାରୁ ୬ କି.ମି. ଦୂର ଗୁରୁଜାଙ୍ଗୁଲିସ୍ଥିତ ଧାନ ବିକ୍ରୟ କେନ୍ଦ୍ର ଉପରେ ନିର୍ଭର କରୁଛନ୍ତି। ଧାନ ଧରି ଯିବା ବେଳେ ବନ୍ତୋଲ ରେଳ ଫାଟକ ପ୍ରତିବନ୍ଧକ ସାଜୁଛି। ଅଧିକାଂଶ ସମୟ ଫାଟକ ବନ୍ଦ ରହୁଥିବାରୁ ୨ଘଣ୍ଟାରୁ ଅଧିକ ସମୟ ଲାଗୁଛି। ୩ଗୁଣା ଗାଡ଼ି ଭଡ଼ା ଦେବାକୁ ପଡୁଛି। ବିଳମ୍ବ ଯୋଗୁ ଧାନ ବିକ୍ରୟ କେନ୍ଦ୍ରରେ ଧାନ ରଖିବା ଲାଗି ଜାଗା ମିଳୁନାହିଁ। ଚାଷୀମାନେ ବାଧ୍ୟ ହୋଇ କୁଇଣ୍ଟାଲ ପିଛା ୧୦୦୦ ଟଙ୍କାରେ ଧାନ ବିକ୍ରି କରିଦେଉଛନ୍ତି। କ୍ଷତି ସହିବା କାରଣରୁ ଚାଷୀମାନେ ଧାନ ଚାଷରୁ ମୁହଁ ଫେରାଇବାରେ ଲାଗିଛନ୍ତି। ସମସ୍ୟା ସମ୍ପର୍କରେ ପୂର୍ବରୁ ଲିଖିତ ଅଭିଯୋଗ କରାଯାଇଥିଲେ ମଧ୍ୟ ଏହାର ସମାଧାନ କରାଯାଉନାହିଁ। ବନ୍ତୋଲଠାରେ ଧାନ ବିକ୍ରୟ କେନ୍ଦ୍ର ସ୍ଥାପନ କରାଗଲେ ବନ୍ତୋଲ ସମେତ ଡେରା, ଘଣ୍ଟପଡ଼ା, ଜଗନ୍ନାଥପୁର ପଞ୍ଚାୟତର ଚାଷୀ ସୁବିଧାରେ ଧାନ ବିକ୍ରୟ କରିପାରିବେ। ଏଣୁ ଦାବି ପୂରଣ ଦିଗରେ ପଦକ୍ଷେପ ନେବାକୁ ସରପଞ୍ଚ ଜୟନ୍ତୀଲତା ପ୍ରଧାନ, ସମିତିସଭ୍ୟା ଅମ୍ରିତା ପାଣି, ପୂର୍ବତନ ସରପଞ୍ଚ ଅବନ୍ତୀକାନ୍ତ ଦେହୁରୀ, ଯୁବନେତା ଶୁଭେନ୍ଦୁ ରଥ ପ୍ରମୁଖ ତାଳଚେର ଉପଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।

## ଏଫ୍‌ଏଲ୍‌ଏନ୍ କର୍ନର ଉଦ୍‌ଘାଟିତ




ଏଫଏଲ୍‌ଏନ୍ କର୍ନର କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସମେତ ଛାତ୍ରୀଛାତ୍ରମାନେ।

**ବଇଣ୍ଡା,୧୪।୭(ଡି.ଏନ.ଏ.)**

କିଶୋରନଗର ବ୍ଲକ ହଣ୍ଡପା ସର୍କଲ କଟରଙ୍ଗା ପଞ୍ଚୟତ ଆମ୍ବମୁଣ୍ଡା ଉ.ପ୍ରା ବିଦ୍ୟାଳୟ ପରିସରରେ ଗୁରୁବାର ଶିକ୍ଷା ବିଭାଗ ଦ୍ୱାରା ପ୍ରଚଳିତ ହୋଇଥିବା ଏଫଏଲ୍‌ଏନ୍ କର୍ନର କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ମୋହିନୀ ପ୍ରଧାନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସିଆରସିସି ରଞ୍ଜନ କୁମାର ଦେହୁରୀ, ପ୍ରଧାନଶିକ୍ଷୟିତ୍ରୀ ସଂଯୁକ୍ତା ପ୍ରଧାନ, ଶିକ୍ଷକ ବିଜୟ କୁମାର ସାହୁ, ନରେଶ ସେଠୀ, ବାବୁଲାଲ ସିଂ, ବନ୍ଧୁଆ ପ୍ରଧାନ, ସଞ୍ଜୁଲତା ସାହୁ ଯୋଗଦେଇ ଏଫଏଲ୍‌ଏନ୍ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଏହାଦ୍ୱାରା ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ କିଭଳି ସହଜରେ ପାଠ ପଢ଼ିପାରିବେ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ଶେଷରେ ଅରୁଣ କୁମାର ବାଘ ଧନ୍ୟବାଦ ଦେଇଥିଲେ।



ଅନୁଗୋଳ ସହରରେ ଗୁରୁବାର ପ୍ରବଳ ବର୍ଷାରେ ଜଣେ ମହିଳା ଛତା ଧରି ଯାଉଛନ୍ତି।



ଅନୁଗୋଳ ସହର ଉପକଣ୍ଠରେ ମହିଳାମାନେ ଟେରାକୋଟା କାମରେ ବ୍ୟସ୍ତ। (ଫଟୋ–ବୁବୁ)

